ପାଠ-୧୨

# ଡାକମୁନ୍‌ସି

**STUDY NOTES**

## MIND MAP



ଗାଳ୍ପିକ ପରିଚୟ:-

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ନିର୍ମାତା ହେଉଛନ୍ତି ଫକୀରମୋହନ ସେନାପତି । ସେ କଳ୍ପନା ବିଳାସକୁ ପରିହାର କରି ବାସ୍ତବ ସମାଜ ଓ ଅନୁଭବକୁ ନେଇ ସାହିତ୍ୟ ନିର୍ମାଣ କରିଛନ୍ତି । ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସେ ଥିଲେ କର୍ଣ୍ଣଧାର । ଓଡ଼ିଆ କଥା ସାହିତ୍ୟ, ଗଦ୍ୟ ସାହିତ୍ୟ ଓ କାବ୍ୟ ସାହିତ୍ୟକୁ ନୂଆ ରୂପ ଦେବା ନିମନ୍ତେ ସେ ଥିଲେ ଦୃଢ଼ସଙ୍କଳ୍ପ । ପ୍ରାଚୀନ ଅନ୍ଧବିଶ୍ୱାସକୁ ବିଲୋପ କରି ସାହିତ୍ୟ ମାଧ୍ୟମରେ ସଂସ୍କାର ଆଣିବାରେ ସେ ଥିଲେ ଯଥାର୍ଥରେ ଜାତୀୟ ସେନାପତି । ଓଡ଼ିଆମାନଙ୍କ କଥିତ ଭାଷାକୁ ସେ ସାହିତ୍ୟ ମର୍ଯ୍ୟାଦା ଦେଇଥିଲେ । ଇଂରେଜୀ ଶିକ୍ଷା ଓ ସଭ୍ୟତାର କୁପରିଣାମ ସୃଷ୍ଟିକାରୀ ପ୍ରଭାବ ଓ ଅନୁସରଣକୁ ସେ ନିନ୍ଦା କରୁଥିଲେ । ତାଙ୍କର ଏହି ମାନସିକତା ତାଙ୍କ ଗଳ୍ପ, ଉପନ୍ୟାସ, ଆତ୍ମଚରିତ, ଭ୍ରମଣ ରଚନା ଆଦିରେ ପ୍ରତିଫଳିତ । ତାଙ୍କଦ୍ୱାରା ରଚିତ ଲେଖାଗୁଡ଼ିକ ଉନବିଂଶ ଶତାବ୍ଦୀର ସାମାଜିକ ଜୀବନ ଓ ବ୍ୟବସ୍ଥାର ନିଖୁଣ ଚିତ୍ର । ତାଙ୍କଦ୍ୱାରା ରଚିତ ସାହିତ୍ୟକୃତିଗୁଡ଼ିକୁ ଆମେ ନିମ୍ନମତେ ବିଚାର କରିବା ।

(କ) କାବ୍ୟ କବିତା – ବୌଦ୍ଧାବତାର କାବ୍ୟ, ଉତ୍କଳ ଭ୍ରମଣଂ, ଉପହାର, ପୂଜାଫୁଲ, ଧୂଳି, ଅବସର ବାସରେ ।

(ଖ) ଗଦ୍ୟ ଗ୍ରନ୍ଥ:-ଆତ୍ମ ଚରିତ ।

(ଗ) ଉପନ୍ୟାସ ଗ୍ରନ୍ଥ – ଛମାଣ ଆଠଗୁଣ୍ଠ, ମାମୁ, ଲଛମା, ପ୍ରାୟଶ୍ଚିତ ।

(ଘ) ଗଳ୍ପଗ୍ରନ୍ଥ :- ଗଳ୍ପସ୍ୱଳ୍ପ ୧ମ ଭାଗ, ୨ୟ ଭାଗ । ତାଙ୍କ କ୍ଷୁଦ୍ରଗଳ୍ପର ସଂଖ୍ୟା – ୨୨ ।

ଏହି ୨୨ ଗୋଟି ଗଳ୍ପ ହାସ୍ୟ ଓ ବ୍ୟଙ୍ଗ ଶୈଳୀରେ ଲିଖିତ । ପ୍ରତ୍ୟେକ ଗଳ୍ପରେ ତତ୍‌କାଳୀନ ସମାଜର ଚିତ୍ର ପ୍ରତିଫଳିତ । ଅଧିକାଂଶ ଗଳ୍ପରେ ସମାଜସଂସ୍କାର ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ।

**ଗଳ୍ପର ପୃଷ୍ଠଭୂମି :-**

ଡ଼ାକମୁନ୍‌ସି ଏକ ପାରିବାରିକ କାହାଣୀମୂଳକ ଲେଖା । ଏହି କ୍ଷୁଦ୍ରଗଳ୍ପରେ ପିତାପୁତ୍ରର କାହାଣୀ ବର୍ଣ୍ଣିତ । ଇଂରେଜୀ ଶିକ୍ଷା ଓ ସଭ୍ୟତା ଓଡ଼ିଶାର ନବ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରିଦେଇଛି । ସେମାନେ ସମାଜରେ ପ୍ରତିଷ୍ଠିତ ଓ ରୋଜଗାରକ୍ଷମ ହେବା

ପରେ ପରିବାର, ବାପା-ମାଆଙ୍କୁ ଭୁଲିଯାଇଛନ୍ତି । ସେମାନେ ବ୍ୟକ୍ତିଗତ ସୁଖ ଓ ବିଳାସକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ପାରିବାରିକ ଓ ପିତା ପୁତ୍ରଭଳି ପବିତ୍ର ସମ୍ପର୍କ ତୁଟିଯାଇଛି । ଏହି ଉପଲବ୍ଧକୁ ଆଧାର କରି ଫକୀରମୋହନ ଡ଼ାକମୁନ୍‌ସି ଗଳ୍ପ ରଚନା କରିଛନ୍ତି । ଏହି ଗଳ୍ପଟି ସବୁସମୟରେ ପାଠକଙ୍କୁ ପିତାର ଦାୟତ୍ୱ, ଆଦର ଓ ପୁତ୍ରର କର୍ତ୍ତବ୍ୟ ସେବା, ଭକ୍ତି ସମ୍ପର୍କରେ ସଚେତନ କରାଇଦିଏ । ଉପଯୁକ୍ତ ପିତାର ଉପଯୁକ୍ତ ପୁତ୍ର ହୋଇ ନ ପାରିବାର ଅବସୋସର ଚିତ୍ର ଏହି ଗଳ୍ପଟିକୁ ଓଡ଼ିଆ ପାଠକ ମହଲରେ ସୁପରିଚିତ କରାଇ ପାରିଛି ।

**ଗଳ୍ପର ସାରକଥା :-**

ହରି ସିଂ କଟକ ସଦର ପୋଷ୍ଟ ଅଫିସର ହେଡ୍‌ପିଅନ । ମାସକୁ ଦରମା ନଅ ଟଙ୍କା । କଟକ ସହରରେ ନିଆଁଠୁ ପାଣି ଯାଏ ସବୁ କିଣା । ଅତି କଷ୍ଟରେ ମାସକୁ ପାଂଚ ଟଙ୍କାରେ ଚଳି ଘରକୁ ଚାରି ଟଙ୍କା ପ୍ରତିମାସରେ ସେ ପଠାନ୍ତି । ଗାଁଘରେ ସ୍ତ୍ରୀ ଓ ଆଠବର୍ଷର ପୁଅ ଗୋପାଳ ସେହି ଚାରିଟଙ୍କାରେ ଚଳିଯାନ୍ତି ।

ODM EDUCATIONAL GROUP
Changing your Tomorrow